# NATIONAL NEWS BULLETIN (ODIA)

**2 May - 2024**

**Mid Bulletin : 1.50 p.m.**

- ବିଶ୍ୱ ଭାରତକୁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟସ୍ଥି ଭାବରେ ଦେଖୁଛି- କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାରକାର୍ଯ୍ୟ ଜୋର୍‌ଦାର ।

- ପାଲେଷ୍ଟାଇନ୍ ଓ ଇସ୍ରାଏଲ ସମସ୍ୟାର ସମାଧାନ ନେଇ ଜାତିସଂଘରେ ଭାରତର ଦୃଢ଼ ସମର୍ଥନ ।

- ଓଡ଼ିଶା ସମେତ ୩ଟି ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ ବିଭାଗର ସତର୍କତା ।

ଏବଂ

- ଆଇପିଏଲ କ୍ରିକେଟର ଆଜି ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ହେବ ।

# ପିଏମ୍-ଗୁଜୁରାଟ

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଏନଡିଏ ଶାସନ କାଳରେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବ୍ୟାପକ ପରିବର୍ତ୍ତନ ଘଟିଛି ।

ଆଜି ଗୁଜରାଟର ଆନନ୍ଦଠାରେ ଏକ ରାଜନୈତିକ ରାଲିକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ଯେ ଭାରତ ବିଶ୍ୱ ବ୍ୟାପାରରେ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବରେ ଉଭା ହୋଇଛି ଏବଂ ବିଶ୍ୱ' ଭାରତକୁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟସ୍ଥି ଭାବରେ ଦେଖୁଛି । ବିଗତ ଏକ ଦଶନ୍ଧି ମଧ୍ୟରେ ଦେଶର ବିଶ୍ୱ ସ୍ତରୀୟ ଭାବମୂର୍ତ୍ତିରେ ଉଲ୍ଲେଖନୀୟ ପରିବର୍ତ୍ତନ ବିଷୟରେ ମଧ୍ୟ ସେ କହିଥିଲେ। ସେ କହିଥିଲେ ଯେ ବିଜେପି ସରକାର ୩୦ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ବାହାରକୁ ଆଣିଛନ୍ତି ଏବଂ ଶତ ପ୍ରତିଶତ ଗ୍ରାମୀଣ ପରିବାରରେ ଶୌଚାଳୟ ନିର୍ମାଣ ସୁନିଶ୍ଚିତ କରିଛନ୍ତି । ଏହାଛଡା ୭୫ ପ୍ରତିଶତ ଗ୍ରାମୀଣ ଘରେ ଜଳ ସଂଯୋଗ ସ୍ଥାପନ ହୋଇଛି ବୋଲି ସେ କହିଛନ୍ତି । ରାଜନୈତିକ ଲାଭ ପାଇଁ ଗରିବଙ୍କୁ ଶୋଷଣ କରିବା ଏବଂ ଓବିସି ସମ୍ପ୍ରଦାୟ ପ୍ରତି ଅନ୍ୟାୟ କରୁଥିବାରୁ ସେ କଂଗ୍ରେସକୁ ସମାଲୋଚନା କରିଛନ୍ତି। ଦେଶରେ ଧର୍ମ ଆଧାରରେ ସଂରକ୍ଷଣ ଦେବା ପ୍ରୟାସକୁ ତାଙ୍କ ସରକାର ନିଷିଦ୍ଧ କରିବେ ବୋଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି।

ଗତକାଲିଠାରୁ ରାଜ୍ୟରେ ପ୍ରଚାର କରୁଥିବା ଶ୍ରୀ ମୋଦି ସୁରେନ୍ଦ୍ରନଗର, ଜୁନାଗଡ଼ ଓ ଜାମନଗରରେ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

ଅନ୍ୟପକ୍ଷରେ କଂଗ୍ରେସ ନେତା ତଥା ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମଧ୍ୟ ଅହମ୍ମଦାବାଦରେ ଏକ ସାମ୍ବାଦିକ ସମ୍ମିଳନୀ କରିବାର କାର୍ଯ୍ୟକ୍ରମ ରହିଛି। ଆପ୍ ନେତ୍ରୀ ସୁନୀତା କେଜରିୱାଲ ମଧ୍ୟ ଆଜି ଭାବନଗର ଏବଂ ଭରୁଚର ଆପ୍ ପ୍ରାର୍ଥୀଙ୍କ ସପକ୍ଷରେ ବୋଟାଦ ଏବଂ ଦେଡିଆପଡ଼ାରେ ରୋଡ୍ ଶୋ' କରିବେ।

## ଏମ୍‌ପି-କ୍ୟାମ୍ପେନ

ମଧ୍ୟପ୍ରଦେଶରେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍‌ଦାର ହୋଇଛି । ପ୍ରମୁଖ ରାଜନୈତିକ ଦଳର ଶୀର୍ଷ ନେତାମାନେ ନିଜ ପ୍ରାର୍ଥୀଙ୍କ ପାଇଁ ସମର୍ଥନ ହାସଲ କରିବା ଲାଗି ଭୋଟରମାନଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାକୁ ଚେଷ୍ଟା ଚଳାଇଛନ୍ତି । ମଧ୍ୟପ୍ରଦେଶର ଏହି ଦୁଇଟି ପର୍ଯ୍ୟାୟରେ ୧୭ଟି ଆସନରେ ମତଦାନ ହେବ।

## ୟୁପି-କ୍ୟାମ୍ପେନ

ଉତ୍ତରପ୍ରଦେଶରେ ଆଜି ଅନେକ ଷ୍ଟାର ପ୍ରଚାରକ ନିଜ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି । ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ ଶାହ ବରେଲି, ବଦାୟୁଁ ଏବଂ ସୀତାପୁର ଜିଲ୍ଲାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ

ପ୍ରଚାର କରୁଛନ୍ତି। ସନ୍ଧ୍ୟାରେ ସେ ଲକ୍ଷ୍ନୌରେ ଦଳର ସାଂଗଠନିକ ବୈଠକରେ ଅଧ୍ୟକ୍ଷତା କରିବେ।

ବିଜେପିର ବରିଷ୍ଠ ନେତା ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୈନପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀରେ ରୋଡ୍ ସୋ କରିବେ ଏବଂ ବିଏସ୍ ପି ସୁପ୍ରିମୋ ମାୟାବତୀ ମଧ୍ୟ ସେଠାରେ ଏକ ରାଲିକୁ ସମ୍ବୋଧିତ କରିବେ।

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ବଦାୟୁଁ ଏବଂ ଅଓଁଲା ଲୋକସଭା ଆସନରେ ରାଲିକୁ ସମ୍ବୋଧିତ କରିବେ। ଆର୍ଏଲଡି ମୁଖ୍ୟ ଜୟନ୍ତ ଚୌଧୁରୀ ହାଥରସ ସଂସଦୀୟ ନିର୍ବାଚନ ମଣ୍ଡଳୀର ସଦାବାଦରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

## ତେଲେଙ୍ଗାନା-କେସିଆର୍

ତେଲେଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ ଗତ ରାତି ୮ଟା ପୂର୍ବରୁ ମେହବୁବାବାଦରେ ନିଜର ସାଧାରଣ ସଭା ଶେଷ କରିଛନ୍ତି। ଗତ ମାସରେ ଏକ ବିବାଦୀୟ ବୟାନ ପାଇଁ ନିର୍ବାଚନ ଆୟୋଗ ତାଙ୍କୁ ୪୮ ଘଣ୍ଟା ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାର ଉପରେ ନିଷେଧାଦେଶ ଜାରି କରିଥିଲେ । ବସ୍ ଯାତ୍ରାର ଅଷ୍ଟମ ଦିନରେ ସେମାନେ ପ୍ରଚାର କରୁଥିବା ବେଳେ ଏହି କଟକଣା ଜାରି କରାଯାଇଥିଲା। କେସିଆର୍ ନାମରେ ପରିଚିତ ଶ୍ରୀ ରାଓଙ୍କୁ ନିର୍ବାଚନ

ଆଚରଣବିଧି ଅନୁଯାୟୀ ନିର୍ବାଚନ ଆୟୋଗ ୪୮ ଘଣ୍ଟା ପାଇଁ ନିଷିଦ୍ଧ କରିଥିଲେ।

ନିର୍ବାଚନ ଆୟୋଗ ତାଙ୍କ ବୟାନକୁ ତୀବ୍ର ନିନ୍ଦା କରିବା ସହ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ କୌଣସି ସାଧାରଣ ସଭା, ବିବୃତି, ସାକ୍ଷାତକାରରେ ଯୋଗ ଦେବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଗତ ମାସରେ ସିରସିଲ୍ଲାରେ ଶ୍ରୀ ରାଓଙ୍କ ବିବାଦୀୟ ବୟାନକୁ ନେଇ କଂଗ୍ରେସ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲା।

## ବିହାର କ୍ୟାମ୍ପେନିଂ

ବିହାରରେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଜୋର୍‌ସୋରରେ ପ୍ରଚାର ଚାଲିଛି । ଏନଡିଏ ଓ ମହାମେଣ୍ଟର ବରିଷ୍ଠ ନେତାମାନେ ନିଜ ପ୍ରାର୍ଥୀଙ୍କ ସମର୍ଥନରେ ସାଧାରଣ ସଭା ଓ ରାଲିକୁ ସମ୍ବୋଧିତ କରୁଛନ୍ତି ।

ସୀମାଞ୍ଚଳ ବିହାରର ଅରାରିଆରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ବିଜେପି ଅଧ୍ୟକ୍ଷ ଜେ.ପି ନଡ୍ଡା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଦେଶକୁ କୋଭିଡ ମହାମାରୀ ବିରୋଧରେ ଲଢ଼ିବା ପାଇଁ ଶକ୍ତି ଦେଇଛି। ଲକ୍‌ଡାଉନ୍ ହେଉ କି ଟିକାକରଣ, ପ୍ରଧାନମନ୍ତ୍ରୀଙ୍କ ଉପଯୁକ୍ତ ନିଷ୍ପତ୍ତି ୧୪୦ କୋଟି ଲୋକଙ୍କ ଜୀବନ ବଞ୍ଚାଇଛି ବୋଲି ସେ କହିଛନ୍ତି। ଶ୍ରୀ ନଡ୍ଡା କହିଛନ୍ତି ଯେ ସଙ୍କଟ

ସମୟରେ କଂଗ୍ରେସ ଏବଂ ଆର୍‌ଜେଡି ଟିକାକରଣ ବିଷୟରେ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲେ।

ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ସାରଣ ଏବଂ ସୁପୌଲ ଲୋକସଭା ନିର୍ବାଚନ ମଣ୍ଡଳୀରେ ଜନସଭା କରୁଛନ୍ତି।

ମହାମେଣ୍ଟରେ ଆର୍‌ଜେଡି ନେତା ତେଜସ୍ୱୀ ପ୍ରସାଦ ଯାଦବ ଆଜି ସମସ୍ତିପୁର, ସହରସା ଓ ଅରାରିଆରେ ନିର୍ବାଚନୀ ରାଲି କରୁଛନ୍ତି।

## ତେଲେଙ୍ଗାନା ଟାଇମ୍

ନିର୍ବାଚନ କମିଶନ ତେଲେଙ୍ଗାନାର ୧୭ଟି ଲୋକସଭା ଆସନ ଅନ୍ତର୍ଗତ ୧୦୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ସମୟକୁ ଏକ ଘଣ୍ଟା ବୃଦ୍ଧି କରିଛନ୍ତି । ପୂର୍ବରୁ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବାକୁ ଥିବାବେଳେ, ତେଲେଙ୍ଗାନା ମୁଖ୍ୟ ନିର୍ବାଚନ ଅଧିକାରୀ ବିକାଶ ରାଜଙ୍କ ଅନୁରୋଧ ପରେ ନିର୍ବାଚନ ଆୟୋଗ ମତଦାନ ସମୟ ସଂଧ୍ୟା ୬ଟା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ନକ୍ସଲ ପ୍ରଭାବିତ ଅଞ୍ଚଳକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ୧୦୬ଟି ନିର୍ବାଚନ ମଣ୍ଡଳୀରେ ସନ୍ଧ୍ୟା ୬ଟାରେ ମତଦାନ ଶେଷ ହେବ।

# ୟୁଏନ୍-ଇଣ୍ଡିଆ

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କାମ୍ବୋଜ କହିଛନ୍ତି ଭାରତ ପାଲେଷ୍ଟାଇନ ଏବଂ ଇସ୍ରାଏଲ ସମସ୍ୟାର ସମାଧାନ ପ୍ରତିଶ୍ରୁତିବଦ୍ଧ । ଜାତିସଂଘ ସାଧାରଣ ସଭାକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଭାରତ ଏକ ଦ୍ୱିରାଷ୍ଟ୍ରୀୟ ସମାଧାନକୁ ସମର୍ଥନ କରେ ଯେଉଁଠାରେ ପାଲେଷ୍ଟାଇନ୍‌ର ନାଗରିକମାନେ ସୁରକ୍ଷିତ ସୀମା ମଧ୍ୟରେ ଏକ ମୁକ୍ତ ରାଷ୍ଟ୍ରରେ ସ୍ୱାଧୀନ ଭାବରେ ରହିପାରିବେ ।

ଶ୍ରୀମତୀ ରୁଚିରା କାମ୍ବୋଜ ୨୦୨୩ ଅକ୍ଟୋବର ୭ରେ ହମାସ୍ ଦ୍ୱାରା ଇସ୍ରାଏଲ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି । ସେ କହିଛନ୍ତି ଯେକୌଣସି ପରିସ୍ଥିତିରେ ସମସ୍ତେ ଅନ୍ତର୍ଜାତୀୟ ଆଇନ ଏବଂ ଅନ୍ତର୍ଜାତୀୟ ମାନବିକତା ଆଇନକୁ ସମ୍ମାନ ଦେବା ଉଚିତ୍ । ଗାଜାରେ ଥିବା ଇସ୍ରାଏଲ ବନ୍ଧକମାନଙ୍କୁ ନିଃସର୍ତ୍ତ ମୁକ୍ତ କରିବାକୁ ମଧ୍ୟ ଭାରତ ଦାବି କରିଛି ।

ମାନବିକ ସହାୟତା ସମ୍ପର୍କରେ ଶ୍ରୀମତୀ କାମ୍ବୋଜ କହିଛନ୍ତି ଯେ ଭାରତ ପାଲେଷ୍ଟାଇନକୁ ସାହାଯ୍ୟ ଜାରି ରଖିବ । ପରିସ୍ଥିତିକୁ ଆହୁରି ଗମ୍ଭୀର ନ କରିବା ପାଇଁ ଗାଜାର ଲୋକଙ୍କୁ ମାନବିକ ସହାୟତା ତୁରନ୍ତ ବୃଦ୍ଧି କରାଯିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ମିଳିତ ଜାତିସଂଘର ପୂର୍ଣ୍ଣ ସଦସ୍ୟ ହେବା ପାଇଁ ପାଲେଷ୍ଟାଇନର ପ୍ରୟାସକୁ ସମର୍ଥନ ମିଳିବ ବୋଲି ଶ୍ରୀମତୀ କାମ୍ବୋଜ ଆଶା ବ୍ୟକ୍ତ କରିଛନ୍ତି । ଗତ

ମାସରେ ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ଜାତିସଂଘ ନିରାପତ୍ତା ପରିଷଦରେ ପାଲେଷ୍ଟାଇନକୁ ଏକ ରାଷ୍ଟ୍ରର ମାନ୍ୟତା ପ୍ରଦାନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା । ଏହାକୁ ନେଇ ଅନେକ ପାଲେଷ୍ଟାଇନ୍ ସମର୍ଥକ ଦେଶରେ ପ୍ରତିକୂଳ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ବମ୍ବ ଥ୍ରେଟ କଲ

ଦିଲ୍ଲୀ ଓ ଏନସିଆର୍‌ର ଅନେକ ସ୍କୁଲକୁ ବୋମା ଧମକ ଇମେଲ୍ ମିଳିବା ଘଟଣାରେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି । ଏହା ପୂର୍ବରୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ବିଭିନ୍ନ ସ୍କୁଲରେ ବୋମା ଧମକ ସମ୍ପର୍କିତ ଇମେଲକୁ ମିଥ୍ୟା କଲ୍ ବୋଲି କହିଥିଲା । ମନ୍ତ୍ରଣାଳୟ କହିଛି, ଏପର୍ଯ୍ୟନ୍ତ ଖୋଜାଖୋଜିରେ କୌଣସି ସନ୍ଦେହଜନକ ଜିନିଷ ମିଳିନାହିଁ ।

ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା, ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଅରୋରାଙ୍କ ସହ କଥା ହୋଇ ଏହି ପ୍ରସଙ୍ଗରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି । ଦୋଷୀମାନଙ୍କୁ ଚିହ୍ନଟ କରିବା ଏବଂ କୌଣସି ତ୍ରୁଟି ନ ହେବା ସୁନିଶ୍ଚିତ କରିବାକୁ ଶ୍ରୀ ସକ୍ସେନା ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଗଣମାଧ୍ୟମକୁ କହିଛନ୍ତି ଯେ ଦିଲ୍ଲୀ ପୋଲିସ ଏହି ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏହି ଇମେଲ୍ ଗୁଡ଼ିକ କେଉଁଠାରୁ ଆସୁଛି ତାହା ଜାଣିବାକୁ ପାଇଛି ।

ଇ-ମେଲ୍‌ରେ ବୋମା ଧମକ ଘଟଣା ପରେ ଦିଲ୍ଲୀରେ କେତେକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ବୋମା ମିଳିଥିବା ସୂଚନା ପ୍ରସାରିତ ହେଉଥିବାରୁ ଏଥିରେ ବିଶ୍ୱାସ ନକରିବାକୁ ଦିଲ୍ଲୀ ପୋଲିସ ପକ୍ଷରୁ କୁହାଯାଇଛି । ସୂଚନା ଅନୁଯାୟୀ ଗତକାଲି ପ୍ରାୟ ୧୩୧ଟି ସ୍କୁଲକୁ ବୋମା ଧମକ ନେଇ ଇ-ମେଲ୍ ଆସିଥିଲା । ପ୍ରାୟତଃ ସବୁ ଇ-ମେଲ୍‌ଗୁଡ଼ିକ ଏକ ସମୟରେ ଆସିଥିଲା; କିନ୍ତୁ ସେଥିମଧ୍ୟରୁ କେତେକ ମେଲ୍ ରୁଷ୍‌ର ଏକ ୱେବ୍‌ସାଇଟ୍‌ରୁ ଆସିଥିବାବେଳେ ଅନ୍ୟକେତେକ ମେଲ୍ ଜି-ମେଲ୍ ଠିକଣାରୁ ଆସିଛି । ଆଜି ଦିଲ୍ଲୀର ଅନେକ ଅଞ୍ଚଳରେ କେତେକ ସ୍କୁଲ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି ।

## ଆଇପିଏଲ କ୍ରିକେଟ

ଆଇପିଏଲ କ୍ରିକେଟର ଆଜି ହାଇଦ୍ରାବାଦର ରାଜୀବଗାନ୍ଧୀ ଆର୍ନ୍ତଜାତୀୟ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହେବେ । ଏହି ମ୍ୟାଚ୍ ଭାରତୀୟ ସମୟ ସଂଧ୍ୟା ୭ଟା ୩୦ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲି ପଞ୍ଜାବ କିଙ୍ଗସ ୭ ୱିକେଟରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିଥିଲା । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପଞ୍ଜାବ କିଙ୍ଗସ ମାତ୍ର ୧୭ ଓଭର ୫ଟି

ବଲରେ ୩ ଓ୍ୱିକେଟ୍ ହରାଇ ୧୬୩ ରନର ଟାର୍ଗେଟକୁ ସହଜରେ ହାସଲ କରିବାରେ ସକ୍ଷମ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗସ ୭ ଓ୍ୱିକେଟ୍ ହରାଇ ୧୬୨ ରନ୍ କରିଥିଲା । ଅଧିନାୟକ ଋତୁରାଜ ଗାଇକଓ୍ୱାଡ ୪୮ ବଲରେ ୬୨ ରନ୍ କରିଥିଲେ । ଏହି ବିଜୟ ସହ ପଞ୍ଜାବ ସପ୍ତମ ସ୍ଥାନକୁ ଉନ୍ନୀତ ହୋଇଛି । ଚେନ୍ନାଇ ଚତୁର୍ଥ ସ୍ଥାନରେ ରହିଛି ।